ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Culture(OD)/ 1277/11-02-2021**

# ଅଭିଲେଖାଗାର କଳେବର ବୃଦ୍ଧିର ଆବଶ୍ୟକତା ରହିଛି

## ଅଭିଲେଖ ସପ୍ତାହ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କ ମତ

ଭୁବନେଶ୍ୱର, ତା.୧୧/୦୨/୨୦୨୧

ଆଜି ରାଜ୍ୟ ଅଭିଲେଖାଗାରଠାରେ ସପ୍ତାହବ୍ୟାପୀ 'ଅଭିଲେଖ ସପ୍ତାହ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଲେଖାଗାର କଳେବର ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଇତିହାସ ଗବେଷକ ତଥା ସମୀକ୍ଷକ ପ୍ରାଧ୍ୟାପକ ଡ. ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ 'ଅଭିଲେଖାଗାର ଓ ବ୍ୟକ୍ତିଗତ ନଥି ହାସଲ' ସଂପର୍କରେ ତାଙ୍କର ଗଭୀର ଅନୁଧ୍ୟାନମୂଳକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା କେତେକ ମୂଲ୍ୟବାନ ଦସ୍ତାବିଜ ହାସଲ ହେଉ ନଥିବା ଯୋଗୁଁ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ଅସଲ କାରଣ ଆକଳନ କରାଯାଇ ପାରୁନାହିଁ ବୋଲି କହିଥିଲେ । ଅଭିଲେଖାଗାରକୁ ଜୀବନ୍ତ ରଖିବାକୁ ହେଲେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ସହ ଆଧୁନିକ ଜ୍ଞାନକୌଶଳର ଉପଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ତା'ଛଡ଼ା କେତେକ ଅନୁସନ୍ଧିତ୍ସୁ ଯୁବଗବେଷକ ଏ ଦିଗରେ ଗଭୀର ଭାବେ ଗବେଷଣା ଏବଂ ଅଧ୍ୟୟନ ତଥା ଅନ୍ୱେଷଣ କଲେ ଅନେକ ଉପାଦେୟ ତଥ୍ୟ ହାସଲ ହୋଇପାରନ୍ତା ।

ରାଜଧାନୀର ଛାତି ଉପରେ ସଂସ୍କୃତି ବିଭାଗର ବିଭିନ୍ନ ଅନୁଷ୍ଠାନ ଗଢ଼ି ଉଠିଥିବା ଯୋଗୁଁ ଏଗୁଡ଼ିକର ମହତ୍ତ୍ୱ ନିଶ୍ଚିତ ଭାବେ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହେଉଥିବା ମୁଖ୍ୟ ଅତିଥି ଶ୍ରୀ ସେଠୀ ଦର୍ଶାଇଥିଲେ । ତେଣୁ ଏହିସବୁ ଅନୁଷ୍ଠାନଗୁଡ଼ିକ ବଞ୍ଚାଇ ରଖିବାକୁ ସବୁମତେ ପ୍ରୟାସ ହେବା ଆବଶ୍ୟକ ବୋଲି କହିଥିଲେ । ତେବେ ରାଜ୍ୟ ଅଭିଲେଖାଗାର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତାବିଜକୁ ଡିଜିଟାଇଜେସନ୍ କରି କେନ୍ଦ୍ରୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ଗୌରବର ବିଷୟ ବୋଲି ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ସିନେ ଅଭିଲେଖ ଆରମ୍ଭ କରିବାକୁ ପ୍ରସ୍ତାବ ରଖାଯାଇଥିଲା ।

ଗତବର୍ଷ ଅଭିଲେଖ ସପ୍ତାହ ଅବସରରେ ଓଡ଼ିଆ ସିନେମା ପତ୍ରିକାଗୁଡ଼ିକର ମଲାଟ ପୃଷ୍ଠା ଉପରେ ଏକ ଅଭିନବ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଚଳିତ ଥର ଅଭିଲେଖାଗାର ଓ ବ୍ୟକ୍ତିଗତ ନଥି ହାସଲ ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରି ବିଶିଷ୍ଟ ବ୍ୟକ୍ତିମାନଙ୍କର ହାତଲେଖା ଚିଠି, ପ୍ରେରିତ ପତ୍ର ଭଳି ଅନେକ ମୂଲ୍ୟବାନ ଦସ୍ତାବିଜର ଫଟୋଚିତ୍ର ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୁଲେମାନ୍ ଅଲ୍ଲୀ ବାର୍ଷିକ ବିବରଣୀ ପ୍ରଦାନ ସହ ସ୍ୱାଗତ ଭାଷଣ ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ପ୍ରାଧ୍ୟାପକ ପଟ୍ଟନାୟକ ଏବଂ କାର୍ଯ୍ୟକ୍ରମର ସଂଚାଳକ ଡ. ମୃତ୍ୟୁଞ୍ଜୟ ରଥଙ୍କୁ ଉପଢୌକନ, ସ୍ମୃତିଫଳକ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏବଂ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ